## ସଂକ୍ଷେପରେ

### ନିର୍ଦ୍ଦେଶ ଅନୁଯାୟୀ ହେଉନି ଟେଷ୍ଟ

**ଅନୁଗୋଳ ଅଫିସ,୧୩।୪:** ଅନୁଗୋଳ ଜିଲାରେ ଅଧିକ ସଂଖ୍ୟାରେ କରୋନା ପରୀକ୍ଷା ହେଉନାହିଁ। ଦୈନିକ ୮ଶହ ଜଣଙ୍କ ଟେଷ୍ଟ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ସେଥିରୁ ୪ଶହ ର୍ୟାପିଡ୍ ଆଣ୍ଟିଜେନ୍ ଓ ୪ଶହ ଆରଟିପିସିଆର୍ ମାଧ୍ୟମରେ ପରୀକ୍ଷା କରାଯିବାକୁ କୁହାଯାଇଛି। କିନ୍ତୁ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଛାଡ଼ିଦେଲେ ଅନ୍ୟ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ସଂଖ୍ୟାରେ କରୋନା ପରୀକ୍ଷା କରାଯାଉ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ମାତ୍ର ୧୯୨ ଜଣଙ୍କ ର୍ୟାପିଡ୍ ଆଣ୍ଟିଜେନ୍ ମାଧ୍ୟମରେ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୩ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏହା ମୋଟ୍ ପରୀକ୍ଷାର ମାତ୍ର ୧୭ ପ୍ରତିଶତ। ସେଥିରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୭ ଜଣଙ୍କ ଟେଷ୍ଟ କରାଯାଇଥିବାବେଳେ ୫ ଜଣ ପଜିଟିଭ୍ ବାହାରିଛନ୍ତି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣଙ୍କ ପରୀକ୍ଷା କରାଯାଇଥିବାବେଳେ କେହି ପଜିଟିଭ୍ ବାହାରି ନାହାନ୍ତି। ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩ ଜଣଙ୍କ ଟେଷ୍ଟ କରାଯାଇଥିବାବେଳେ ସମସ୍ତେ ପଜିଟିଭ ଚିହ୍ନଟ ହୋଇଛନ୍ତି। ମାଧପୁରରେ ୨ ଜଣ ଓ ଖମାରରେ ୨ ଜଣଙ୍କ ପରୀକ୍ଷା କରାଯାଇଥିବାବେଳେ କେହି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ରାଜ କିଶୋରନଗରରେ ୪୨ ଜଣଙ୍କ ପରୀକ୍ଷା ହୋଇଥିଲା। ସେଥିରୁ ୩ ଜଣଙ୍କ ପଜିଟିଭ୍ ରହିଛନ୍ତି। କଣିହାଁ, ଛେଣ୍ଡିପଦା, ବଅଁରପାଳ, ବନ୍ତଳାର କୌଣସି ସ୍ଥାନରେ କରୋନା ପରୀକ୍ଷା କରାଯାଇ ନାହିଁ। ତେଣୁ ସରକାରୀ ନିର୍ଦ୍ଦେଶ ମୁତାବକ ଯଦି ଦୈନିକ ୮ଶହ ଟେଷ୍ଟ କରାଯିବ ତାହେଲେ ଜିଲାରେ ପଜିଟିଭ୍ ସଂଖ୍ୟା ବହୁ ଅଧିକ ରହିବ ବୋଲି ଏଥିରୁ ଜଣାପଡୁଛି।

### ୪୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୩।୪:** ଅନୁଗୋଳ ଜିଲାରୁ ମଙ୍ଗଳବାର ୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୯ ଜଣ, ଅନୁଗୋଳ ପୌରାଞ୍ଚଳରୁ ୮, ବଅଁରପାଳ ବ୍ଲକରୁ ୮, ଛେଣ୍ଡିପଦା ବ୍ଲକରୁ ୭, କଣିହାଁ ବ୍ଲକରୁ ୬, ଅନୁଗୋଳ ବ୍ଲକରୁ ୩, ଆଠମଲ୍ଲିକ ବ୍ଲକରୁ ଜଣେ ଓ କିଶୋରନଗର ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୯ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛି। ସମ୍ପୃକ୍ତ କର୍ମଚାରୀ ଜଣଙ୍କ କିଛି ଦିନ ହେବ ଛୁଟିରେ ରହିଥିଲେ। ଏହାକୁ ନେଇ ଅନ୍ୟ କର୍ମଚାରୀମାନେ ଛାନିଆ ହୋଇପଡ଼ିଛନ୍ତି।

### କାଳବୈଶାଖୀରେ କୋଠଘର କ୍ଷତିଗ୍ରସ୍ତ

**କଣିହାଁ,୧୩।୪(ଡି.ଏନ.ଏ.):** କଣିହାଁ ବ୍ଲକ ଦଲକ ଟିରିରିମା ଗ୍ରାମ ହରିଜନ ସାହିରେ ଥିବା କୋଠଘରର ଆଜବେଷ୍ଟ ଛପର ରବିବାର କାଳବୈଶାଖୀରେ ଉଡ଼ିଯାଇଛି। ଏହି କୋଠଘରେ ହରିଜନ ସାହିବାସିନ୍ଦାଙ୍କ ସଭାସମିତି, ଭଗବତ ଚର୍ଚ୍ଚା, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଉକ୍ତ ସାହିରେ ୭୦ରୁ ଊର୍ଦ୍ଧ୍ୱ ପରିବାର ରହିଛନ୍ତି। ପୁରୁଣା କୋଠଘର ଅବସ୍ଥାକୁ ନେଇ ସାହିବାସିନ୍ଦାଙ୍କ ଭାଇଚାରା ସହିତ ଶାନ୍ତିପୂର୍ଣ୍ଣ ବୈଠକ ଦିଗରେ ଘର ନ ଥିବାରୁ ସମସ୍ତେ ଚିନ୍ତାବ୍ୟକ୍ତ କରିଛନ୍ତି। ସାହିର ୱାର୍ଡମେମ୍ବର ଶରତ ନାଏକ, ଅଜୟ ନାଏକ ପ୍ରମୁଖ ନୂତନ କୋଠଘର ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।

### ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

**ମାଧପୁର,୧୩।୪:** ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ମୁଣ୍ଡାପଡା ଗ୍ରାମର ବସନ୍ତ ନାୟକ (୫୦)ଙ୍କ ଚାଳ ଘର ଅଗ୍ନିକାଣ୍ଡରେ ଜଳିଯାଇଛି। ରାତି ୧୨ଟାରେ ହଠାତ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଖବରପାଇ ବୌଦ୍ଧ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିରେ ଧାନ ସହ ବହୁ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ବାସୁଦେବପୁର ସରପଞ୍ଚ ଟୁନା କର୍ଣ୍ଣ, ନାଏବ ସରପଞ୍ଚ ମିତାଜିନୀ ପ୍ରଧାନ ପହଞ୍ଚି ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି।

# ମାସ୍କ ପିନ୍ଧି ନ ଥିଲେ ମନ୍ଦିର ମନା

- ପଣା ସଂକ୍ରାନ୍ତି ପାଇଁ ଅନୁଗୋଳ ଜିଲାରେ କଡ଼ା କଟକଣା
- ପ୍ରତି ମନ୍ଦିରରେ ସାମାଜିକ ଦୂରତ୍ୱ ପାଳନ ନିର୍ଦ୍ଦେଶ
- ଅମାନିଆ ଲୋକଙ୍କ ଉପରେ ନଜର ରଖିବ ପୋଲିସ

**ଅନୁଗୋଳ ଅଫିସ, ୧୩।୪**


ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ।

ମହା ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପାଇଁ ଅନୁଗୋଳ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। ଏହି ଓଡ଼ିଆ ନବବର୍ଷରେ ଈଶ୍ୱରଙ୍କଠାରୁ ଆଶୀର୍ବାଦ ନେବାକୁ ସକାଳୁ ହିଁ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତଙ୍କ ଧାଡ଼ି ଲମ୍ବିବ। ତେବେ ଜିଲାରେ କରୋନା ସଂକ୍ରମଣ ଉପରମୁହାଁ ଥିବାରୁ ଏଥିପାଇଁ ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମନ୍ଦିରରେ ସାମାଜିକ ଦୂରତ୍ୱକୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ଅମାନିଆ ଲୋକଙ୍କ ନିକଟରୁ ଜରିମାନା ଆଦାୟ କରିବାକୁ ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଗତବର୍ଷ ଲକ୍‌ଡାଉନ୍ କାରଣରୁ ସବୁ ମନ୍ଦିରରେ ତାଲା ପକାଯାଇଥିଲା। ତେଣୁ ମହାବିଷୁବ ସଂକ୍ରାନ୍ତି ସହ ଅନ୍ୟ ପର୍ବପର୍ବାଣୀ କେବଳ ରୀତିନୀତିରେ ରହିଯାଇଥିଲା। ଭକ୍ତମାନେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବାର ସୌଭାଗ୍ୟ ପାଇପାରି ନ ଥିଲେ। ହେଲେ ଚଳିତବର୍ଷ କୋଭିଡ୍‌ର ଦ୍ୱିତୀୟ ଲହର ଚାଲିଥିଲେ ମଧ୍ୟ ଅନୁଗୋଳ ଜିଲାରେ କୌଣସି ମନ୍ଦିର ବନ୍ଦ କରାଯାଇ ନାହିଁ। ତେବେ ମନ୍ଦିରଗୁଡ଼ିକରେ ଯେପରି ଭିଡ଼ ନିୟନ୍ତ୍ରଣ କରାଯାଇପାରିବ ସେ ଦିଗରେ ପ୍ରଶାସନ ପକ୍ଷରୁ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମନ୍ଦିରରେ ସାମାଜିକ ଦୂରତ୍ୱ ଓ ମାସ୍କ ଯାଞ୍ଚକୁ କଡ଼ାକଡ଼ି କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ଚେତାଇ ଦିଆଯାଇଛି। ସମସ୍ତ ମନ୍ଦିରରେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ମୁତୟନ କରିବା ସମ୍ଭବ ହୋଇ ନ ଥିବାରୁ ଜନଗହଳିପୂର୍ଣ୍ଣ ସ୍ଥାନରେ କଟକଣା ଯାଞ୍ଚ କରାଯିବ ବୋଲି କୁହାଯାଇଛି। ବିଶେଷକରି ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା' ବୁଢ଼ୀ ଠାକୁରାଣୀ ମନ୍ଦିର, ଛେଣ୍ଡିପଦାର ଢୁକୁଡ଼ା, ପୁରୁଣାଗଡ଼, ଖମାର ବାଣେଶ୍ୱର, ଝିଣ୍ଟିପାଳ ଅଷ୍ଟଶମ୍ଭୁ, ଜରପଡ଼ା ଧବଳେଶ୍ୱର, ବଇଣ୍ଡାର ବଡ଼ହୁଲା, ଗାଁ ବଇଣ୍ଡା, ଅଙ୍ଗପଡ଼ା, ଧଉରାପାଲି, ବୟେଳା, ଆଠମଲ୍ଲିକର ବିନିକେଇ, ଦେଉଳଝରୀ, ତାଳଚେରର ମା' ହିଙ୍ଗୁଳା, ପାଲଲହଡ଼ାର ଖୁଲୁଡୀ ଗିରିଶ୍ୱେର, କୁଣ୍ଡେଇବୀରା, ବଅଁରପାଳ କାଙ୍ଗୁଲା କାଳୀପିଠ, କୁଲାଡ ହନୁମାନ, ନାଲ୍‌କୋ ତାରିଣୀ ମନ୍ଦିର ଆଦିରେ ଜନସମାଗମ ହେବାର ସମ୍ଭାବନା ରହିଛି। ତେଣୁ ସେଠାରେ କୋଭିଡ୍ କଟକଣା କଡ଼ାକଡ଼ି କରାଯିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ**



"କରୋନା ପାଇଁ ମନ୍ଦିର ବନ୍ଦ ନିଷ୍ପତ୍ତି ହୋଇନାହିଁ। କେବଳ କଟକଣାକୁ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଙ୍ଘନ ହେଲେ ଜରିମାନା ଆଦାୟ କରାଯିବ। ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧି ସମସ୍ତେ ପର୍ବ ପର୍ବାଣି ପାଳନ କଲେ ସଂକ୍ରମଣ ବଢ଼ିବ ନାହିଁ।
-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

**ସବୁ ନିୟମ ପାଳନ କରାଯିବ**



"ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମନ୍ଦିର ସାନିଟାଇଜ ବ୍ୟବସ୍ଥା ହୋଇଛି। ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଶାସନର ସମସ୍ତ ନିୟମ ପାଳନ କରାଯିବ।
-ହେମନ୍ତ ଦାସ, ସମ୍ପାଦକ, ପରିଚାଳନା କମିଟି

**ଉଲ୍ଲଂଘନକାରୀଙ୍କୁ ବାରଣ**



"ବଡ଼ହୁଲା ମନ୍ଦିରରେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯିବ। ମନ୍ଦିର ପରିଚାଳନା କମିଟି ଓ ଯୁବଗୋଷ୍ଠୀ ପ୍ରସ୍ତୁତ ରହିଛନ୍ତି। ମାସ୍କ ପିନ୍ଧି ନ ଥିଲେ ଭକ୍ତମାନଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଛି। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି।
-ସର୍ବେଶ୍ୱର ମହାପାତ୍ର, ବଡ଼ହୁଲା ମନ୍ଦିର ପୂଜକ

**ନ ମାନିଲେ ଆଗକୁ ଅଡୁଆ**



"ଗତବର୍ଷ ସଂକ୍ରାନ୍ତିରେ ମନ୍ଦିର ଯାଇପାରି ନ ଥିଲୁ। ଚଳିତବର୍ଷ କିଛି ପର୍ବପର୍ବାଣୀରେ ଭଗବାନଙ୍କ ଦର୍ଶନ ମିଳୁଛି। ତେଣୁ ଲୋକମାନେ କଟକଣା ମାନି ଧାର୍ମିକ ଅନୁଷ୍ଠାନକୁ ଯାଆନ୍ତୁ। ଏହାକୁ ଅଣଦେଖା କଲେ ଆଗକୁ ଅଡୁଆ ପରିସ୍ଥିତି ସୃଷ୍ଟି ହେବ।
-କୁହୁକ ଚନ୍ଦ୍ର ମହାରଣା, ଭକ୍ତ

## ମେ ୪ରେ ଉପଜିଲାପାଳ ଅଫିସ ଘେରାଉ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

**ବଇଣ୍ଡା,୧୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତରେ ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଏହାର ପ୍ରତିବାଦରେ ଧଉରାଗୋଠ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ମେ ୪ ତାରିଖରେ ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମଙ୍ଗଳବାର କମିଟି ପକ୍ଷରୁ ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ଦାମଦରପୁର ଗ୍ରାମ କୋଠ ଘରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ନିର୍ମଳ ନାୟକଙ୍କ ସଭାପତିତ୍ୱରେ ତୀର୍ଥବାସୀ ଭୋଇ, ନରେନ୍ଦ୍ର କୁମାର ନାୟକ, ସୁବାସ ସାହୁ, ମାଧବ ନାୟକ, ଯମୁନା ନାୟକ, ଅଗସ୍ତି ସାହୁଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୨୨ ଟି ଗ୍ରାମର ୩୩୪୫ ହେକ୍ଟର ଧାନ ଚାଷ ଜମିକୁ ପାଣି ମାଡ଼ିବ। ଲୋକ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ପ୍ରକଳ୍ପର କାର୍ଯ୍ୟରେ ବିଳମ୍ବ ହେଉଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି।

## ଲୋକେ ଚାହିଁଲେ ବିକାଶ ହେବ



ଗ୍ରାମସଭାରେ ଯୋଗଦେଇଥିବା ଅଧିକାରୀମାନେ।

**ବଇଣ୍ଡା,୧୩।୪(ଡି.ଏନ.ଏ.)**

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବହୁ ଯୋଜନା କରିଛନ୍ତି। ସେଗୁଡିକ କିଭଳି ଠିକ୍ ଭାବେ ଗ୍ରାମରେ କାର୍ଯ୍ୟକାରୀ କରାଯିବ ସେଥିପ୍ରତି ଗ୍ରାମବାସୀ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସଭାଗୃହ ପରିସରରେ ଅନୁଷ୍ଠିତ ଗ୍ରାମସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସରପଞ୍ଚ ମାନସ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିମଳ ବିଭାଗ ଅଧିକାରୀ ସ୍ମୃତିରେଖା ମିଶ୍ର, ବ୍ଲକ କନିଷ୍ଠ ଯନ୍ତ୍ରୀ ସ୍ୱିତାରାଣୀ ସାହୁ, ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରଜେନ୍ଦ୍ର ସେଠୀ, ଅଚ୍ଛିତ ସାହୁ, ପ୍ରମୋଦ ବିଶ୍ୱାଳ, ମାନସ ସାହୁ, ରବୀନ୍ଦ୍ର ନାଥ ସାହୁ, ପଦେଇ ରଣାଙ୍କ ସମେତ ସୋଲଣ୍ଡା, ଗାଁ ବଇଣ୍ଡା, ବଡହୁଲା, ଧୁଣ୍ଡି ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

## ରାଧାମୋହନ ଗଡ଼ନାୟକଙ୍କ ସ୍ମୃତିଚାରଣ



ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଅତିଥିମାନେ।

**ଅନୁଗୋଳ ଅଫିସ, ୧୩।୪**

ରାଧାମୋହନ ଗଡନାୟକ ସାହିତ୍ୟ ଅନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଜୁନିୟର ରେଡକ୍ରସ୍ ଭବନ ଠାରେ ପାଳିତ ହୋଇଯାଇଛି। ସଭାପତି ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଜିଲା ସାହିତ୍ୟ ସଂସଦ ସଭାପତି ଡ. କୁମୁଦ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଡ. ତୋଫାନ ଜେନା ଯୋଗ ଦେଇଥିଲେ। ଆବାହକ ନମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନରେଶ ଚନ୍ଦ୍ର ବିବରଣୀ ପାଠ କରିଥିଲେ। ଅତିଥିମାନେ ରାଧାମୋହନଙ୍କ ସ୍ମୃତିଚାରଣ କରିବା ସହ ଯୁବପୀଢ଼ିଙ୍କୁ ସାହିତ୍ୟାନୁରାଗୀ ହେବାକୁ ପ୍ରେରଣା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗକବି ବୈରାଗୀ ମଲ୍ଲିକଙ୍କ ସଭାପତିତ୍ୱରେ ଏବଂ କବିଜ୍ୟୋତି ନିରଞ୍ଜନ ପତିଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଏହି ସଭାରେ ୧୨ଖଣ୍ଡ କବିତା ସଂକଳନ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାମାଜିକ କର୍ମୀ, କଳାକାର ଏବଂ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନ ୩ ଦିନ ସିଲ୍

**ଅନୁଗୋଳ ଅଫିସ, ୧୩।୪**

ଅନୁଗୋଳ ପୌରପାଳିକା ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ମଙ୍ଗଳବାର ଏହି କଟକଣା ଯାଞ୍ଚ ସମୟରେ ବିଭିନ୍ନ ସ୍ଥାନରେ ନିୟମ ଉଲ୍ଲଙ୍ଘନକାରୀଙ୍କ ନିକଟରୁ ଜରିମାନା ଆଦାୟ କରାଯାଇଛି। ଏଥିସହ ଜଣେ ଅଳଙ୍କାର ଦୋକାନୀ ବାରମ୍ବାର କୋଭିଡ ନିୟମ ଉଲ୍ଲଙ୍ଘନ କରିବା ଅଭିଯୋଗରେ ପୌର କର୍ତ୍ତୃପକ୍ଷ ଉକ୍ତ ଦୋକାନକୁ ୩ ଦିନ ପର୍ଯ୍ୟନ୍ତ ସିଲ୍ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସହରରୁ ୨ଟି ବ୍ୟବସାୟିକ ପ୍ରତିଷ୍ଠାନରୁ ୪ ହଜାର ଟଙ୍କା ଓ ୧୪ ଜଣ ଅମାନିଆଙ୍କ ନିକଟରୁ ମାସ୍କ ପାଇଁ ୭ ହଜାର ଟଙ୍କା ଆଦାୟ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ବ୍ୟବସାୟୀଙ୍କ ନିକଟରୁ ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ କରି ନ ଥିବାରୁ ଜରିମାନା ଆଦାୟ ହୋଇଥିବାବେଳେ ଲୋକଙ୍କ ନିକଟରୁ ମାସ୍କ ପାଇଁ ଜରିମାନା ଆଦାୟ ହୋଇଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ


ବିଦ୍ୟାଳୟ ଖେଳ ପଡିଆରୁ ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀ ଅନୁଗୋଳ–ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କୋଶଳା ଶିମିଳିସାହି ବିଦ୍ୟାଳୟ ଖେଳ ପଡିଆରୁ ଜବରଦଖଲ ଉଚ୍ଛେଦ ଦାବିରେ ମଙ୍ଗଳବାର ଗ୍ରାମବାସୀ ଅନୁଗୋଳ–ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଘଟଣାରୁ ପ୍ରକାଶ, କୋଶଳା ଶିମିଳିସାହି ମୌଜା ଖେଳ ପଡିଆ ପାଇଁ ସଂରକ୍ଷିତ ଥିବା ଖାତା ନଂ. ୧୦୦୫, ପ୍ଲଟ ନମ୍ବର ୬୨୮୩ ଓ ୬୨୮୫ରେ ଗ୍ରାମର ଜଣେ ବ୍ୟକ୍ତି ଆଜବେଷ୍ଟସ୍ ଓ ଲୁହାଛଡ ରଖିଥିବାରୁ ପଡିଆରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରତିବାଦରେ ସେମାନେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ଡାନିଏଲ ଏକ୍କା ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଜବରଦଖଲକାରୀଙ୍କୁ ସାମଗ୍ରୀ ଉଠାଇ ନେବା ପାଇଁ ନୋଟିସ କରାଯିବ। ଏହାକୁ ଅମାନ୍ୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ୩ ଦଳ ମଧ୍ୟରେ ହେବ ଲଢ଼େଇ

**୧୭ ନଂ ଜୋନ୍ ଉପନିର୍ବାଚନ**

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୧୭ ନଂ ଜିଲା ପରିଷଦ ଜୋନ୍‌ରେ ଆସନ୍ତା ୨୮ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ପ୍ରଚାର ଚଳାଇଥିବା ବେଳେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ। ବିଜେଡି ଓ ଭାଜପାରୁ ୨ ପୁରୁଖା ନେତା ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ଜଣେ ନବାଗତଙ୍କ ମୁହଁ ଦେଖିବାକୁ ମିଳିଛି। ବିଜେଡି ପୂର୍ବତନ ସରପଞ୍ଚ ନାରାୟଣ ସାହୁଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଭାଜପା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅଜିତ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ନବାଗତ ପ୍ରାର୍ଥୀ ଅଭିରାମ ସାହୁଙ୍କ ଉପରେ ଭରସା କରିଛି। ଏହି ଜୋନ୍‌ରେ ଚଳିତବର୍ଷ ୯ଟି ପଞ୍ଚାୟତର ୧୧୫ ୱାର୍ଡର ୩୧,୦୨୭ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେମାନମଧ୍ୟରେ ୧୬୦୫୦ ପୁରୁଷ ଓ ୧୪୯୭୭ ମହିଳା ଭୋଟର ରହିଛନ୍ତି। ଗତ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଶ୍ରୀଧର ଗଡନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ରମଣୀ ରଞ୍ଜନ ଦାଶଙ୍କଠାରୁ ୫୫୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ମଧ୍ୟ ବିଜେଡି ଏଠାରେ ଭାଜପାଠାରୁ ବହୁ ଆଗରେ ଥିଲା। ତେଣୁ ଜିଲା ପରିଷଦ ଉପନିର୍ବାଚନରେ ମଧ୍ୟ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ।




ବିଜେଡି ପ୍ରାର୍ଥୀ ନାରାୟଣ ସାହୁ, ଭାଜପା ପ୍ରାର୍ଥୀ ଅଜିତ ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ଅଭିରାମ ସାହୁ।

## ଶାସ୍ତ୍ରାନୁମୋଦିତ ଧର୍ମ ଶ୍ରେଷ୍ଠ ଧର୍ମ

**ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ**


ହିନ୍ଦୁ ନବବର୍ଷ ପାଳନ ଅବସରରେ ପଣ୍ଡିତମାନେ।

**ଅନୁଗୋଳ ଅଫିସ, ୧୩।୪**

ରାଷ୍ଟ୍ରୀୟ ନବବର୍ଷ ପାଳନ କମିଟି ପକ୍ଷରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଠାରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ବାଇଶ ପାହାଚରେ ସୂର୍ଯ୍ୟ ପୂଜା ସହିତ ୧୦୮ ଦୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା। ପରେ କରୋନା ମହାମାରୀ କବଳରୁ ସାରା ବିଶ୍ୱକୁ ମୁକ୍ତି ଉଦ୍ଦେଶ୍ୟରେ ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ପରେ ବେଦଭବନ ଠାରେ ଏକ ଧର୍ମ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ସନାତନ ସନ୍ଥ ସମିତିର ସନ୍ଥ ସଂଯୋଜକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ ଯୋଗଦେଇ ଶାସ୍ତ୍ରାନୁମୋଦିତ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇ ସମସ୍ତେ ଐତିହ୍ୟ, ପରମ୍ପରା ସଂସ୍କୃତି ସମ୍ପନ୍ନ ଜୀବନ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱାମୀ କୃଷ୍ଣାଦାସାନନ୍ଦ ସରସ୍ୱତୀ, ସ୍ୱାମୀ ରାମାଶରଣାନନ୍ଦ ସରସ୍ୱତୀ ଜୀ, ବାବା ପ୍ରଭୁପାଦ ଦାସ ଜୀ, ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଜୀ ପ୍ରମୁଖ ସନାତନ ବୈଦିକ ପରମ୍ପରା ଉପରେ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ହେମନ୍ତ କୁମାର ଦାଶ ପରିଚାଳନା କରିଥିବାବେଳେ ପଣ୍ଡିତ ରୋହିତ କୁମାର ଦାଶ ମଞ୍ଚ ସଂଯୋଜନା କରିଥିଲେ। ଆଦିତ୍ୟ ବାହିନୀ ଅନୁଗୋଳ ଶାଖା ସଭାପତି ବାସୁଦେବ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଅନିମା ଆଚାର୍ଯ୍ୟ ଗୁରୁବନ୍ଦନା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀ ସମ୍ପାଦକ ପର୍ଶୁରାମ ଦାଶ, ସୁଧୀର କୁମାର ମିଶ୍ର, କିଶୋର ସାହୁ, ମାନସ ରଞ୍ଜନ ମିଶ୍ର, ସୌରୀ ରଞ୍ଜନ ପଣ୍ଡା, ସୁରେଶ ସାହା, ପଦ୍ମ ଚରଣ ପ୍ରଧାନ, ସାଗର ସୌଭାଗ୍ୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଦାବିପତ୍ର

**ଅନୁଗୋଳ ଅଫିସ, ୧୩।୪**

ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ସଂସ୍କୃତ ବିଷୟକୁ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ତେଣୁ ସଂସ୍କୃତକୁ ଉଚ୍ଚ ବିଦ୍ୟାଳୟମାନଙ୍କରେ ବାଧ୍ୟତାମୂଳକ କରିବାକୁ ଲୋକ ଭାଷା ପ୍ରଚାର ସମିତି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁଗୋଳ ଶାଖା ସଭାପତି ଡ. ନାରାୟଣ ଚନ୍ଦ୍ର ପଣ୍ଡା, ସମ୍ପାଦକ ଅଧ୍ୟାପକ ଦେବାଶିଷ ଦାଶ, ସଦସ୍ୟ ପଣ୍ଡିତ ଜୟ ରାମ ମିଶ୍ର, ଭାସ୍କର ଚନ୍ଦ୍ର ସାହୁ, ସୁବ୍ରତ କର, ଗଣନାଥ ବାରିକ, ସଦାନନ୍ଦ ବାଘ ପ୍ରମୁଖ ଉପସ୍ଥିତ ଥିଲେ।



## ନିଆଁ ଲାଗି ୨ ବଖରା ଜଳିଗଲା

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ ନିକଟସ୍ଥ ବାଲିହଟିଂରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ସାହୁ ବନ୍ଦ୍ରା, ଜିତେନ୍ଦ୍ରନାଥ ଝାଙ୍କିଙ୍କ ଘର ପୋଡିଯାଇଛି। ସେମାନେ ମୟୂରଭଞ୍ଜରୁ ଆସି ବାଲି ହଟିଂର ରହି କାମ କରୁଥିଲେ। ଖବରପାଇ ଟାଟା ବିଏସ୍ଏଲ୍ କମ୍ପାନୀ ଅଗ୍ନିଶମ ସଂସ୍ଥା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ୮ଦିନ ପାଇଁ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**
- କବି ବ୍ରଜନାଥ ବଡଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସମୟ-ସନ୍ଧ୍ୟା ୬ଟା, ସ୍ଥାନ-ଗୋପବନ୍ଧୁ ଟାଉନହଲ।

**ଅନୁଗୋଳ**
- ଫାୟାର ସର୍ଭିସ ଡେ, ସ୍ଥାନ- ଜିଲା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ,ସମୟ-ପୂର୍ବାହ୍ନ ୮ ଘଟିକା

## ସଂକ୍ଷେପରେ

### ଢେଙ୍କାନାଳରେ ୨ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ,୧୩।୪:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତ ବ୍ୟକ୍ତିମାନେ ହେଲେ ଢେଙ୍କାନାଳ ପୌରାଞ୍ଚଳ କୋରିଆଁରୁ ଜଣେ ଓ କାମାକ୍ଷାନଗର ବ୍ଲକ ବଡସୁଆଳୋରୁ ଜଣେ। ଦୁଇ ଆକ୍ରାନ୍ତଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ସୋମବାର ସୁଦ୍ଧା ଜିଲାରେ ମୋଟ ୫୭୭୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୭୧୫ଜଣ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବ୍ୟବସାୟୀଙ୍କ ଘରୁ ଚୋରି

**ଭୁବନ,୧୩।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଲତାବିଲ ଅଞ୍ଚଳରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବ୍ୟବସାୟୀ ଏବଂ ଜଣେ ଶ୍ରମିକଙ୍କ ଘରେ ପଶି ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ଏ ନେଇ ଭୁବନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ କହିଛି, ଲତାବିଲ ଅଞ୍ଚଳର ଜୋତା ବ୍ୟବସାୟୀ ଭୋଳେଶ୍ୱର ସାହୁଙ୍କ ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଏକ ଲକ୍ଷ ଟଙ୍କା ଓ ପ୍ରାୟ ୫ ଭରି ସୁନା ଲୁଟି ନେଇଛନ୍ତି। ସେହିପରି ଶ୍ରମିକ ଚୁଗୁଲି ବାହାଲିଆଙ୍କ ଘରୁ ୪୦ ହଜାର ଟଙ୍କା ସମେତ୨ ଭରି ସୁନା ଚୋରି କରିଛନ୍ତି। ଏ ନେଇ ଉଭୟ ପରିବାର ଭୁବନ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଜିତେନ୍ଦ୍ର କୁମାର ସାହୁ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ନଦୀରେ ବୁଡ଼ି ଯୁବକ ମୃତ

**ଭୁବନ,୧୩।୪(ଡି.ଏନ.ଏ.):** ଭୁବନ ଥାନା ଭୁଷଲ ପଞ୍ଚାୟତ ଜୟପୁର ଗ୍ରାମର ନେଉଳ ତରାଇ(୪୫) ସୋମବାର ବ୍ରାହ୍ମଣୀ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ନେଉଳ ସୋମବାର ଭୋର ସମୟରେ ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ବହୁ ବିଳମ୍ବ ହେବାରୁ ପରିବାର ଲୋକ ଦୀର୍ଘସମୟ ଧରି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଖବରପାଇ ଭୁବନ ଦମକଳ ବାହିନୀ ପହଞ୍ଚିବାବେଳକୁ ମୃତଦେହ ଦୌଡେଶ୍ୱର ମନ୍ଦିର ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା। ଦମକଳ ବାହିନୀ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୁବନ ଡାକ୍ତରଖାନାକୁ ପଠାଇଛି। ଏ ସଂକ୍ରାନ୍ତରେ ନଂ. ୪/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଆଜିଠୁ ପୁଣି ଟିକାକରଣ

**ଢେଙ୍କାନାଳ ଅଫିସ,୧୩।୪:** ଟିକା ଅଭାବ ଯୋଗୁ ଢେଙ୍କାନାଳ ଜିଲାରେ ଟିକାକରଣ ବନ୍ଦ ହୋଇଥିଲା। ମଙ୍ଗଳବାର ଟିକା ଆସି ପହଞ୍ଚିବା ପରେ ବୁଧବାରଠାରୁ ପୁଣିଥରେ ଟିକାକରଣ ଆରମ୍ଭ ହେବ। ଜିଲାରେ ମୋଟ୍ ୫୪ଟି ଟିକାଦାନ କେନ୍ଦ୍ରରେ ଟିକାକରଣ କରାଯାଉଛି। ସେଥିମଧ୍ୟରୁ ୫୧ଟି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ୩ଟି ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଛି। ମଙ୍ଗଳବାର ସୁଦ୍ଧା ସମଗ୍ର ଜିଲାରେ ୧ଲକ୍ଷ ୮ହଜାର ୫୧୮ଜଣ ଟିକା ନେଇସାରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି, ଟିକା ସରି ଯାଇଥିବାରୁ ଟିକାକରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳବାର ଟିକା ଆସି ପହଞ୍ଚିଛି। ବୁଧବାରଠାରୁ ପୁଣିଥରେ ଟିକାକରଣ କାର୍ଯ୍ୟ ଆରମ୍ଭ ହେବ।

### ଶିବ ଲିଙ୍ଗ ଆବିର୍ଭାବ ସ୍ଥଳରେ ପୂଜାର୍ଚ୍ଚନା



**ପରଜଙ୍ଗ,୧୩।୪(ଡି.ଏନ.ଏ):** ପରଜଙ୍ଗ ବ୍ଲକ ବସୁଲେଇ ପଞ୍ଚାୟତ ନିମଡିହ ଗ୍ରାମରେ ଶିବ ଲିଙ୍ଗ ଆର୍ବିଭାବ ହୋଇଥିବା ବିଶ୍ୱାସ କରି ଗ୍ରାମବାସୀ ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମଙ୍ଗଳବାର ଭୋର ସମୟରେ କେତେଜଣ ମହିଳା ଗାଧୋଇବା ପାଇଁ ରେଙ୍ଗାଳି ବାମ ପାର୍ଶ୍ୱ କେନାଲକୁ ଯାଉଥିବା ବେଳେ ଶନି ମନ୍ଦିର ସମ୍ମୁଖ ପଡିଆରେ ଶିବ ଲିଙ୍ଗ ଉଭା ହୋଇଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମେରୁ ଭଳି ଏକ ପବିତ୍ର ଦିନରେ ଶିବ ଲିଙ୍ଗ ଆର୍ବିଭାବ ଶୁଭଙ୍କର ବୋଲି ଗ୍ରାମବାସୀ କହିଥିଲେ।

# ପାନୀୟ ଜଳ ଚିନ୍ତାରେ ଭୁବନ ଏନ୍ଏସି ବାସିନ୍ଦା

**ଭୁବନ,୧୩।୪(ଡି.ଏନ.ଏ.)**

- ଜଳସ୍ତର ହ୍ରାସ ଯୋଗୁ ଶୁଖିଲାଣି କୂଅ, ପୋଖରୀ
- ସମସ୍ୟାର ସମ୍ମୁଖୀନ ହେଉଛନ୍ତି ୫ ୱାର୍ଡବାସୀ
- ଆବଶ୍ୟକତାଠାରୁ କମ୍ ଜଳ ହେଉଛି ସଂଗ୍ରହ

ଢେଙ୍କାନାଳ ଜିଲା ଭୁବନ ଏନ୍ଏସିର ୧୫ଟି ୱାର୍ଡରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏଠାରେ ଥିବା କୂଅ, ପୋଖରୀଗୁଡ଼ିକ ଶୁଖି ଚାଲିଥିବାବେଳେ ୫ଟି ୱାର୍ଡବାସୀ ଜଳ ସଙ୍କଟର ସମ୍ମୁଖୀନ ହେଲେଣି। ଏନ୍ଏସିର ୨୫ ହଜାର ଲୋକଙ୍କ ପାଇଁ ଯେତିକି ଜଳ ଆବଶ୍ୟକ ତାହାଠାରୁ ଜନସ୍ୱାସ୍ଥ୍ୟ ବିଭାଗ କମ୍ ସଂଗ୍ରହ କରୁଥିବାରୁ ଆଗାମୀ ଦିନରେ ଜଳ ସଙ୍କଟ ନେଇ ଏନ୍ଏସି ବାସିନ୍ଦା ଚିନ୍ତିତ ହୋଇପଡ଼ିଛନ୍ତି।

ଏନ୍ଏସିର ୧୫ଟି ୱାର୍ଡରେ ୧୨୧ ନଳକୂପ, ୫୭ ଖୋଲା କୂଅ, ୧୧ଟି ପୋଖରୀ ଥିବାବେଳେ ପାଇପ୍ ପାଣି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୯୭ଟି ଷ୍ଟାଣ୍ଡ ପୋଷ୍ଟ ବ୍ୟବସ୍ଥା କରାଯାଇଛି।



୩ ନମ୍ବର ୱାର୍ଡରେ ନିର୍ମାଣ ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନାହିଁ।

ଏନ୍ଏସି ବାସିନ୍ଦାଙ୍କ ପାଇଁ ମୋଟ୍ ୦୩.୦୧ ମିଲିୟନ ପାନୀୟ ଜଳ ଆବଶ୍ୟକ ପଡୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଦୈନିକ ୦୨.୦୫ ମିଲିୟନ ପାନୀୟ ଜଳ ବ୍ରହ୍ମଣୀ ନଦୀର ଶାଖା ରଙ୍ଗମାଟିଆ ନାଳ ନିକଟରୁ ସଂଗ୍ରହ କରୁଛି। ଏନ୍ଏସିର ଉତ୍ତର ଓ ପୂର୍ବ ଦିଗରେ ରେଙ୍ଗାଳି ଜଳସେଚନ ପ୍ରକଳ୍ପ ଆରମ୍ଭ ହେବା ଓ ବ୍ରାହ୍ମଣୀ ନଦୀ କୂଳରେ ମାଳବନ୍ଧ ନିର୍ମାଣ ଦ୍ୱାରା ଅଞ୍ଚଳକୁ ନଦୀ ଜଳ ଓ ବନ୍ୟାଜଳ ଆସିବାରେ ପ୍ରତିବନ୍ଧକ ସାଜିଛି। ଏହି କାରଣରୁ ଜଳସ୍ତର ହ୍ରାସ ପାଉଥିବାରୁ ଆବଶ୍ୟକ ପାଣି ସଂଗ୍ରହ କରାଯାଇପାରୁ ନାହିଁ। ଏଥିସହ ଖୋଲା କୂଅ, ନଳକୂପ ଓ ପୋଖରୀ ମଧ ଶୁଖିବାକୁ ଲାଗିଲାଣି। ଏନ୍ଏସିର ୨, ୩, ୮, ୧୪ ଓ ୧୫ନଂ ୱାର୍ଡବାସୀ ଜଳସଙ୍କଟର ସମ୍ମୁଖୀନ ମଧ ହେଲେଣି। ୨ ଓ ୩ ନଂ. ୱାର୍ଡବାସୀଙ୍କ ନିମନ୍ତେ ଗୋଡ଼ିପାଟଣାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସରିଥିବା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଲଗାଯାଇଛି। କିନ୍ତୁ ସଂଯୋଗ ଦିଆଯାଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଏଠାକାର ବାସିନ୍ଦା ପାଣି ପାଇବାର ସମସ୍ୟା ଉପୁଜିଛି। ଜଳସ୍ତର ହ୍ରାସ କାରଣରୁ ଦିନକୁ ଦିନ ସମସ୍ୟା ବଢୁଥିଲେ ମଧ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ତେଣୁ ଆଗାମୀ ଦିନରେ ଜଳ ସମସ୍ୟା ନେଇ ଆନ୍ଦୋଳନ ତୀବ୍ରତର ହେବା ବୋଲି ଏନ୍ଏସି ବାସିନ୍ଦା ଚେତାବନୀ ଦେଇଛନ୍ତି। ସମସ୍ୟା ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୋନାଲି ନାୟକ କହିଛନ୍ତି, ଅଞ୍ଚଳରେ ଚଳିତବର୍ଷ ଜଳ ସଙ୍କଟ ଦେଖା ଦେବା ଆଶଙ୍କା ରହିଛି। ଜଳସ୍ତର କମିବା ସାଙ୍ଗକୁ ଆବଶ୍ୟକ ଠାରୁ କମ୍ ପାନୀୟ ଜଳ ସଂଗ୍ରହ କରାଯାଉଛି। ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସହ ଅଞ୍ଚଳବାସୀ ସହଯୋଗ କଲେ ସମସ୍ୟା ଦୂର ହୋଇପାରିବ।

### ବଡ଼ ପଦକ୍ଷେପ ନିଆଯିବା ଜରୁରୀ



"ପାନୀୟ ଜଳ ସମସ୍ୟା ନେଇ ଏଯାଏ କୌଣସି ଅଭିଯୋଗ ଆସିନାହିଁ ତଥାପି ଅଞ୍ଚଳବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବ। ବ୍ରାହ୍ମଣୀ ନଦୀରୁ ପାଣ୍ଡରା ନାଳକୁ ଜଳସ୍ରୋତ ସଂଯୋଗ କରାଯାଇପାରିଲେ ସମସ୍ୟା ରହିବ ନାହିଁ। ଏଥିପାଇଁ ଏକ ବଡ ପଦକ୍ଷେପ ନିଆଯିବା ଆବଶ୍ୟକ।

-ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କାମାକ୍ଷାନଗର ଉପଜିଲାପାଳ

### ସମାଧାନ ଲାଗି ପଦକ୍ଷେପ ନିଆଯାଉନି



"ଭୁବନ ଏକ ଜନବହୁଳ ସହର। ଦିନକୁ ଦିନ ଏଠାରେ ଜଳ ସଙ୍କଟ ଦେଖାଦେଉଛି। ସମସ୍ୟାର ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ ସ୍ଥିତି ସୁଧୁରୁନି। ବୁଦ୍ଧିଜୀବୀମାନେ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରନ୍ତୁ।

-ପ୍ରଭାକର ସାହୁ, ବରିଷ୍ଠ ନାଗରିକ

### ଅଧିକ ପ୍ରକଳ୍ପର ଆବଶ୍ୟକତା ରହିଛି



"ପୂର୍ବରୁ ପାନୀୟ ଜଳ ଯୋଗାଣରେ କିଛି ସମସ୍ୟା ନ ଥିଲା। କିଛି ବର୍ଷ ହେଲା ଜନସଂଖ୍ୟା ବୃଦ୍ଧି ଘଟିଥିବାରୁ ଏପରି ଅସୁବିଧା ଉପୁଜୁଛି। ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ କରାଯାଉ ନାହିଁ। ପୋଖରୀ, କୂଅ ଓ ନଳକୂପକୁ ମଧ ଅଧିକ ଗଭୀର କରାଯାଉ ନାହିଁ। ଏହି କାରଣରୁ ଜଳ ସଙ୍କଟ ଦେଖାଦେଉଛି।

-ଦିଲୀପ କୁମାର ମିଶ୍ର, ଭୁବନ

### ପ୍ରକଳ୍ପ ହୋଇଛି, ପାଇପ୍ ପଡ଼ିନି



"ଏନ୍ଏସିର ୩ ନମ୍ବର ୱାର୍ଡରେ ଦୀର୍ଘଦିନରୁ ଜଳ ପ୍ରକଳ୍ପ ନିର୍ମାଣ ସରିଛି। ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ଓ ଦାୟିତ୍ୱହୀନତା କାରଣରୁ ପାଇପ୍ ଲାଇନ ପୋତା ଯାଇନାହିଁ। ଫଳରେ ୨ ଓ ୩ ନମ୍ବର ୱାର୍ଡବାସୀ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

-ଗିରୀଶ ଚନ୍ଦ୍ର ମହାରଣା, ୩ନଂ. ୱାର୍ଡ

### ନିମ୍ନମାନର କାର୍ଯ୍ୟ କରାଯାଉଛି



"ସରକାରୀ ଯୋଜନାକୁ ଏଠାରେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନି। ଜାତୀୟ ରାଜପଥ ୫୩ କାଳୀଜାର ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସର୍ବଦା ପାଇପ ଫାଟି ରାସ୍ତାରେ ପାଣି ମାଡୁଛି। ଲୋକେ ପିଇବାକୁ ପାଣି ପାଉ ନ ଥିବାବେଳେ ଏଠାରେ ନଷ୍ଟ ହେଉଛି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଲେ ସମାଧାନ ହୋଇପାରିବ।

-ମାନସ କୁମାର ସାହୁ, ଭୁବନ

## ରେଳ ଷ୍ଟେଶନରେ ଆର୍‌ଟିପିସିଆର୍ ଟେଷ୍ଟ କେନ୍ଦ୍ର



ରେଳଯାତ୍ରୀଙ୍କ ଟେଷ୍ଟ କରାଯାଉଛି।

**ଢେଙ୍କାନାଳ ଅଫିସ,୧୩।୪**

ଢେଙ୍କାନାଳ ରେଳ ଷ୍ଟେଶନ ପରିସରରେ ସୋମବାର ଆର୍‌ଟିପିସିଆର୍ ଟେଷ୍ଟ କେନ୍ଦ୍ର ଖୋଲାଯାଇଛି। ଜିଲା ପ୍ରଶାସନ ଓ ଐରା ଅନୁଷ୍ଠାନ ସହଯୋଗରେ ଏହି କେନ୍ଦ୍ର କରାଯାଇଛି। ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀମାନେ ଷ୍ଟେଶନରେ ଓହ୍ଲାଇବା ପରେ ତତ୍‌କ୍ଷଣାତ୍ ସେମାନଙ୍କ ଆର୍‌ଟିପିସିଆର ଟେଷ୍ଟ କରାଯିବାର ବ୍ୟବସ୍ଥା ରହିଛି। ସୋମବାର ୨୪ ଜଣଙ୍କ ସ୍ୱାବ୍ ନିଆଯାଇଥିବା ବେଳେ ମଙ୍ଗଳବାର ୩୯ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଛି। ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ, ଦୁର୍ଗ-ପୁରୀ, ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଳକ ଏକ୍ସପ୍ରେସ୍ ଓ ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ୍‌ରେ ଆସିଥିବା ଯାତ୍ରୀମାନଙ୍କ ଟେଷ୍ଟ କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ, ଷ୍ଟେଶନ କର୍ତ୍ତୃପକ୍ଷ ସହଯୋଗ ପ୍ରଦାନ କରିଥିଲେ। ଐରା ସଙ୍ଗଠନର ପ୍ରଦ୍ୟୁମ୍ନ କୁମାର ପଣ୍ଡା, ତପସ୍ୱିନୀ ନାୟକ, ରଞ୍ଜିତା ମହାକୁଡ, ରୁଦ୍ର ନାରାୟଣ ଷଡଙ୍ଗୀ, ସୀତାଂଶୁ ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜଣାଯାଇଛି।

## ୩ନଂ. ୱାର୍ଡବାସୀ ହନ୍ତସନ୍ତ



ହନ୍ତସନ୍ତ ହେଉଥିବା ପୋରୁହଖୋଜ ୩ନଂ ୱାର୍ଡବାସୀ।

**ଢେଙ୍କାନାଳ ଅଫିସ,୧୩।୪**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୋରୁହଖୋଜ ପଞ୍ଚାୟତର ୩ନଂ ୱାର୍ଡବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସରପଞ୍ଚ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗରୁ ଜଣାପଡିଛି, ଗ୍ରାମରେ ଥିବା ଏକମାତ୍ର ନଳକୂଅର ପାଣି ସ୍ୱାସ୍ଥ୍ୟ ଉପଯୋଗୀ ହେଉନାହିଁ । ତେଣୁ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ବିଡିଓ ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ପାଇଁ ୱାର୍ଡବାସୀମାନେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ପାଣି ପମ୍ପ ହାଉସଠାରେ ମଙ୍ଗଳବାର ପୂର୍ବତନ ସରପଞ୍ଚ ବଳରାମ ପରିଡାଙ୍କ ସମେତ ଅଞ୍ଚଳବାସୀ ପ୍ରତିବାଦ ମଧ କରିଥିଲେ। ଏ ସଂକ୍ରାନ୍ତରେ ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡା କହିଛନ୍ତି, ବହୁ ପୂର୍ବରୁ ବସୁଧା ଯୋଜନାରେ ପାଣି ଟାଙ୍କି ହୋଇ ପାଇପ୍ ପଡିଥିଲା। କିନ୍ତୁ ବିଭିନ୍ନ ସମୟରେ ରାସ୍ତାକାମ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ପାଇପ୍ ଗୁଡିକ ନଷ୍ଟ ହୋଇଥିବାରୁ ମରାମତିର ଆବଶ୍ୟକତା ରହିଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଜଣାଯାଇଥିଲା। ଯେହେତୁ ଗଁଦିଆ ବ୍ଲକକୁ ମେଗା ପାନୀୟଜଳ ପ୍ରକଳ୍ପରେ ସାମିଲ କରାଯାଇଛି, ପ୍ରାୟ ଜୁନ ମାସ ସୁଦ୍ଧା ଏହି ପ୍ରକଳ୍ପ ମାଧ୍ୟମରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ହେବ। ତେଣୁ ମରାମତି ପାଇଁ ଅନୁଦାନ ମିଳୁନାହିଁ। ନଳକୂପଟିକୁ ମଧ ମରାମତି କରାଯାଇଛି ବୋଲି ସରପଞ୍ଚ କରିଥିଲେ।

## କରୋନା ସଚେତନତା କାର୍ଯ୍ୟକ୍ରମ

**ତାଳଚେର,୧୩।୪(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଏକ କରୋନା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ୪୪ଜଣ ଛାତ୍ରୀଙ୍କୁ ସାମାଜିକ ଦୂରତ୍ୱ, ନିୟମିତ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ପାଠାଗାର ଯୁଗ୍ମ ସମ୍ପାଦକ ଜଗବନ୍ଧୁ ବାରିକ, ଅନୁଷ୍ଠାନ ସଭାପତି ହାଡିବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ଅଜିତ ପ୍ରଧାନ ଓ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନିରାକର ବାରିକ, ସରିତା ପ୍ରଧାନ, ରୀନାରାଣୀ ଭୂତିଆ, କୁନିଲତା ଦାସ, ମମତାରାଣୀ ମିଶ୍ର, ଆଶିଷ ଦାସ, ସତ୍ୟପ୍ରକାଶ ସାହୁ, ନନ୍ଦିନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଆନନ୍ଦ ବଜାରଠାରେ ଥିବା କାମନା ମନ୍ଦିର ସମ୍ମୁଖରେ ଝାମୁଯାତ୍ରାରେ ମାନସିକଧାରୀମାନେ ମଙ୍ଗଳବାର ଝାମୁରେ ଚାଲୁଛନ୍ତି। (ଫଟୋ-ମାନସ)

## ୮ନଂ. ୱାର୍ଡରେ ପାନୀୟଜଳ ସମସ୍ୟା

**ଢେଙ୍କାନାଳ ଅଫିସ,୧୩।୪**

ଢେଙ୍କାନାଳ ପୌରାଞ୍ଚଳର ୮ନଂ ୱାର୍ଡରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ପାଣି ଟିକିଏ ପାଇବା ପାଇଁ ଅଞ୍ଚଳବାସୀ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ପାଖରେ ଘଣ୍ଟାଘଣ୍ଟା ଧରି ଧାଡିବାନ୍ଧି ଛିଡା ହେଉଛନ୍ତି। ଏହି ୱାର୍ଡରେ ଥିବା ଏକ ପୋଖରି ଶୁଖି ଯାଇଥିବାରୁ ଅଞ୍ଚଳବାସୀ ଗାଧୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏକ ମନ୍ଦିର ନିକଟରେ ୱାର୍ଡବାସୀମାନେ ଏକାଠି ହୋଇଥିଲେ। ବିଜେଡି ଅନୁସୂଚିତ ଜାତି ଓ ଜନଜାତିର କୈଳାସ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାନୀୟଜଳ ସମସ୍ୟାର ସମାଧାନ, ପୋଖରୀର ପୁନରୁଦ୍ଧାର, ପାହାଚ ବ୍ୟବସ୍ଥା, ଗୁପ୍ତେଶ୍ୱର ମନ୍ଦିରର ଉନ୍ନତୀକରଣ, ଆଲୋକୀକରଣ ବ୍ୟବସ୍ଥା, କୋଠଘର ନିର୍ମାଣ ଆଦି ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ୱାର୍ଡ ସଭାପତି ମାଗୁଣି ଚନ୍ଦ୍ର ନାୟକ, ଆଇନଜୀବୀ ପ୍ରଦ୍ୟୁମ୍ନ ନାୟକ, ପ୍ରଭାକର ନାୟକ, ଅଭୟ କୁମାର ନାୟକ, ଅଭୟ କୁମାର ନନ୍ଦ, ସନ୍ତୋଷ କୁମାର ନାୟକ, ଶେଖର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ୬୮ ଜଣଙ୍କୁ ଭତ୍ତା ପ୍ରଦାନ

**କାମାକ୍ଷାନଗର, ୧୩।୪(ଡି.ଏନ.ଏ.)**



ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଭତ୍ତା ପ୍ରଦାନ କରୁଛନ୍ତି।

କାମାକ୍ଷାନଗର ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ୫୦ ଜଣଙ୍କୁ ବିଧବା ଭତ୍ତା, ୧୮ ଜଣଙ୍କୁ ଶାରୀରିକ ବିକଳାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ସେହିପରି ୪୪ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। କାମାକ୍ଷାନଗର ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧୀକାରୀ ସୁଚିସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ଜେନା, ବିଜେନ୍ଦ୍ର କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଚୋରା ମଦ ଜବତ, ୩ ଗିରଫ

**ବଇଣ୍ଡା,୧୩।୪(ଡି.ଏନ.ଏ.)**

ଆଠମଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମରେ ଜିଲା ସ୍ୱତନ୍ତ୍ର ଟିମ୍ ଓ ପୋଲିସ ସୋମବାର ରାତିରେ ଚଢାଉ କରି ୧୭୦ ଲିଟର ଚୋରା ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ପାଇକସାହି ଗ୍ରାମର ପ୍ରମୋଦ କୁମାର ବେହେରା, ତାଙ୍କ ପୁଅ ମନରଞ୍ଜନ ବେହେରା ଓ ଠାକୁରଗଡ ବିଦେଶୀ ମଦ ଦୋକନର ମ୍ୟାନେଜର ବିହାର ଅଞ୍ଚଳର ରାଜେସ କୁମାରଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ରାଜେସ ତାଙ୍କ ଦୋକାନର ମଦ ନେଇ ପ୍ରମୋଦଙ୍କ ଘରେ ରଖି ଚୋରାରେ ବିକ୍ରି କରୁଥିଲେ। ଠାକୁରଗଡ ପୋଲିସ ନମ୍ବର ୯୫/୨୧ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

## ନୀତିରେ ସୀମିତ ରହିବ ହିଙ୍ଗୁଳାଙ୍କ ପୂଜା

**ତାଳଚେର,୧୩।୪(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜାପର୍ବ ପାଇଁ ୨ୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ମା'ଙ୍କ ପାରମ୍ପରିକ ପୂଜା ପର୍ବ ଏପ୍ରିଲ ୨୫ରୁ ଆରମ୍ଭ ହେବ। କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ କେବଳ ନୀତିକାନ୍ତିରେ ପୂଜା ସମ୍ପନ୍ନ କରିବାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଉପଜିଲାପାଳ ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଚଳିତବର୍ଷ ମା'ଙ୍କ ଯାତ୍ରା ଓ ଲୋକ ମହୋତ୍ସବକୁ ବାତିଲ କରାଯାଇଛି। ମନ୍ଦିର ସମ୍ମୁଖ, ଅନୁଗୋଳ ବସ୍‌ଷ୍ଟାଣ୍ଡ, କୋଶଳା ଓ ସମଲ ବ୍ୟାରେଜ ନିକଟରେ ମାଙ୍କର ଅସ୍ଥାୟୀ ଭୋଗ ହୁଣ୍ଡି ସ୍ଥାପନ କରାଯିବ। ସେହି ହୁଣ୍ଡିରୁ ପ୍ରତିଦିନ ଭୋଗ ମା'ଙ୍କ ପାଖରେ ପହଞ୍ଚାଯିବ। ମା'ଙ୍କ ପଡିଆରା ସେବକଙ୍କୁ ବାର୍ଷିକ ୧୨୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମା'ଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟକୁ ଆଗକୁ ନେବା ପାଇଁ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗୋଟିଏ ଦିନର ଦରମା ଦେବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଥିଲା। ବୈଠକରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ କୁମାର ତ୍ରିପାଠୀ, ହିଙ୍ଗୁଳା ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ଟ୍ରଷ୍ଟ ସଦସ୍ୟ ଜଗମୋହନ ଗଡ଼ନାୟକ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ରାଜେନ୍ଦ୍ର ସିଂ, ଅରୁଣ ପ୍ରଧାନ, ରତ୍ନାକର ସାହୁ, ସଞ୍ଜୟ ମାଝି, ପୌରପାଳିକା ଅଧିକାରୀ ରଶ୍ମିରେଖା ଅମାନ୍ତ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଧୁଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି, ବିଧାୟକ ଓ ଅନ୍ୟମାନେ।

## ଗଦାଶିଳାରେ ନୂତନ ଆର୍‌ଆଇ ନିଯୁକ୍ତ

**ଢେଙ୍କାନାଳ ଅଫିସ,୧୩।୪**

ଢେଙ୍କାନାଳ ଜିଲା ଓଡାପଡା ତହସିଲ ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଘଟଣା ଜାଣିବା ପରେ ରବିବାର ଅପରାହ୍ନରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମ୍ପୃକ୍ତ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ଏସ୍‌ପିଙ୍କୁ ଜଣାଇଥିଲେ। ସେଠାରେ ପଦବୀ ଖାଲି ପଡ଼ିଥିବାରୁ ଓଡାପଡା ତହସିଲ ଘଟିପିରି ସର୍କଲର ରାଜସ୍ୱ ନିରୀକ୍ଷକ ନଟବର ରାଉତଙ୍କୁ ମଙ୍ଗଳବାର ଗଦାଶିଳାର ନୂତନ ରାଜସ୍ୱ ନିରୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତରେ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ କହିଛନ୍ତି, ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଦର ଥାନାରେ ଲିଖିତ ଅଭିଯୋଗ ସହ ଜିଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କୁ ଜଣାଯାଇଛି। ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ କହିଛନ୍ତି, ଅଭିଯୋଗ ପାଇଛୁ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

